# ଜୀବନୀ/ସଂକ୍ଷିପ୍ତ ଜୀବନାଲେଖ୍ୟ

**ପ୍ରସ୍ତୁତି-ଡ.ଦେବାଶିଷ ପାତ୍ର**

ବ୍ରିଟିଶ୍ ଶାସନକାଳୀନ ଓଡ଼ିଶାରେ ବାଲେଶ୍ୱର ସହରର ମଲ୍ଲିକାଶପୁର ଗ୍ରାମରେ ୧୮୪୩ ମସିହା ଜାନୁୟାରୀ ମାସର ମକରସଂକ୍ରାନ୍ତି ତିଥିରେ ଫକୀରମୋହନଙ୍କ ଜନ୍ମ । ତାଙ୍କ ପିତା ଥିଲେ ଲକ୍ଷ୍ମଣଚରଣ ସେନାପତି ଓ ମାତା ଥିଲେ ତୁଳସୀ ଦେଈ ।  ଫକୀରମୋହନଙ୍କ ଦେଢ଼ବର୍ଷ ବୟସରେ ତାଙ୍କ ମାତା-ପିତା ପରଲୋକ ଗମନ କରିଥିଲେ । ଫକୀରମୋହନଙ୍କ ପିତୃଦତ୍ତ ନାମ ଥିଲା ବ୍ରଜମୋହନ । ମାତ୍ର ଶୈଶବରୁ ରୋଗଗ୍ରସ୍ତ ହେବାରୁ ଠାକୁରମା କୁଚିଲାଦେଈ ବାଲେଶ୍ୱରରେ ଥିବା ଦୁଇ ପୀରଙ୍କ ଠାରେ ତାଙ୍କର ପ୍ରାଣଭିକ୍ଷା କରି ମାନସିକକଲେ, 'ମୋ ପିଲା ବ୍ରଜ ଭଲହୋଇଗଲେ ମୁଁ ତାହାକୁ ତୁମ୍ଭମାନଙ୍କର ଫକୀର ବା ଗୋଲାମ କରିଦେବି ।' ପରବର୍ତ୍ତୀ ସମୟରେ ବ୍ରଜମୋହନ ସୁସ୍ଥ ହେବାରୁ ତାଙ୍କ ଠାକୁରମା ଫକୀରମୋହନ ନାମ ରଖିଥିଲେ ।

୧୮୫୨ ମସିହାରେ ୯ବର୍ଷ ବୟସରେ ଫକୀରମୋହନଙ୍କ ବିଦ୍ୟାରମ୍ଭ ହୋଇଥିଲା ଚାଟଶାଳୀରେ । ତାଙ୍କ ଅବଧାନଙ୍କ ନାମଥିଲା ବୈଷ୍ଣବ ମହାନ୍ତି । ପରେ ଫକୀରମୋହନ ନଣ୍ଡାଗୋସେଇଁ ମଠ ଚାହାଳୀରେ ଅଧ୍ୟୟନ କରିଥିଲେ । ସ୍ୱଳ୍ପଶିକ୍ଷା ପରେ ବାଲେଶ୍ୱର ବନ୍ଦରରେ ପାଲସିଲାଇ କାର୍ଯ୍ୟର ତଦାରଖ ଦାୟିତ୍ୱରେ ରହିଲେ । ପରେ ନିମକ ମାହାଲ ଉଠିଯିବା ପରେ ୧୮୬୨ ମସିହାରେ ବାଲେଶ୍ୱର ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ଗୋଟିଏ ବର୍ଷର ପାଠପଢ଼ା ପରେ ଚାରିଅଣା ଦରମା ଦେଇ ନପାରିବା କାରଣରୁ ପୁଣି ପାଠପଢ଼ା ବନ୍ଦହୁଏ । ଏହାର କିଛିଦିନ ପରେ ସେହି ସ୍କୁଲରେ ମାସିକ ଅଢ଼େଇଟଙ୍କା ଦରମାରେ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତି ହୁଏ । ପରେ ୧୮୬୪ରେ ବାଲେଶ୍ୱର ମିସନ୍ ସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ମାସିକ ଦଶଟଙ୍କା ଦରମାରେ ନିଯୁକ୍ତି ଓ କିଛିକାଳ ପରେ ପଦତ୍ୟାଗ । ପଦତ୍ୟାଗ ପରେ ବାଲେଶ୍ୱର କଲେକ୍ଟରୀ ସିରସ୍ତାରେ ମୁନ୍‌ସି  ଭାବେ କାର୍ଯ୍ୟନିର୍ବାହ କରନ୍ତି ଫକୀରମୋହନ ।

୧୮୫୬ ମସିହାରେ ମାତ୍ର ତେ'ରବର୍ଷ ବୟସରେ ଲୀଳାବତୀଙ୍କ ସହିତ ତାଙ୍କର ବିବାହ ହୁଏ । ରୋଗ ପୀଡ଼ିତ ହୋଇ ୧୮୭୦ ବେଳକୁ ଲୀଳାବତୀଙ୍କ ଦେହାନ୍ତ ଫଳରେ ୧୮୭୧ ମସିହା ବେଳକୁ କୃଷ୍ଣକୁମାରୀ ଦେଈଙ୍କ ସହିତ ଦ୍ୱିତୀୟ ବିବାହ ହୁଏ ଫକୀରମୋହନଙ୍କର । ଏହି କୃଷ୍ଣକୁମାରୀ ଥିଲେ ତାଙ୍କ ସାହିତ୍ୟ ପ୍ରେରଣାର ଉତ୍ସ, ଏକଥା ଫକୀରମୋହନ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ୧୮୮୦ରେ ପୁତ୍ର ମନମୋହନର ଜନ୍ମ ଓ ଅକାଳବିୟୋଗ ଏବଂ ୧୮୮୧ରେ ଦ୍ୱିତୀୟପୁତ୍ର ମୋହିନୀମୋହନଙ୍କ ଜନ୍ମ ଓ ୧୮୯୪ରେ ପତ୍ନୀ କୃଷ୍ଣକୁମାରୀଙ୍କ ଦେହାନ୍ତ ତାଙ୍କ ଜୀବନର ମୋଡ଼ ବଦଳାଇଦିଏ ।

୧୮୬୬ର ନ'ଅଙ୍କ ଦୁର୍ଭିକ୍ଷର ବିପର୍ଯ୍ୟୟ ଏବଂ କଟକରୁ 'ଉତ୍କଳଦୀପିକା'ର ପ୍ରକାଶ ତାଙ୍କୁ ପ୍ରେରଣା ଦେଇଥିଲା ବାଲେଶ୍ୱରଠାରେ ଏକ ଛାପାଖାନା ପ୍ରତିଷ୍ଠା କରିବା ପାଇଁ । ୧୮୬୮ରେ ଫକୀରମୋହନଙ୍କ ନେତୃତ୍ୱରେ ବାଲେଶ୍ୱରରେ ପି.ଏମ୍.ସେନାପତି ଏଣ୍ଡକୋ-ଉତ୍କଳପ୍ରେସ୍ ସ୍ଥାପନ ଏବଂ ସେଠାରୁ 'ବୋଧଦାୟିନୀ' ଏବଂ 'ବାଲେଶ୍ୱର ସମ୍ବାଦବାହିକା' ନାମକ ପତ୍ରିକା ପ୍ରକାଶନ ତାଙ୍କ ଦୃଢ଼ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନକରେ । ପରେ ସେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ ନେଇ ପାଲଟିଥିଲେ ଜଣେ ସାର୍ଥକ ସେନାପତି । ଶ୍ରେଣୀପାଠ୍ୟ ପାଇଁ ପାଠ୍ୟପୁସ୍ତକ ରଚନା କରିବା, ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ପାଇଁ ଉଦ୍ୟମ ତାଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥାଏ ।

ଜଣେ ପ୍ରଶାସକ ଭାବରେ ସେ ୧୮୭୧ ରୁ ୧୮୭୫ ପର୍ଯ୍ୟନ୍ତ ନୀଳଗିରି, ୧୮୭୬ ରୁ ୧୮୭୭ ପର୍ଯ୍ୟନ୍ତ ଡୋମପଡ଼ାର ଦେବାନ ପଦରେ, ୧୮୭୭ ରୁ ୧୮୮୩ ପର୍ଯ୍ୟନ୍ତ ଢେଙ୍କାନାଳରେ ଆସିଷ୍ଟାଣ୍ଟ ମେନେଜର,

୧୮୮୪-୮୬ ଦଶପଲ୍ଲା ଓ ୧୮୮୬ ରୁ ୮୭ ପାଲଲହଡ଼ାରେ ଦେବାନ ପଦ, ୧୮୮୭ ରୁ ୧୮୯୨ କେନ୍ଦୁଝରର ମେନେଜର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ୧୮୯୧-୯୨ରେ କେନ୍ଦୁଝରରେ ଯେଉଁ ପ୍ରଜାମେଳି ସଂଘଟିତ ହୋଇଥିଲା ତାହାକୁ କୌଶଳରେ ଦମନ କରିପାରିଥିଲେ । ପୁଣି ୧୮୯୪ ରୁ ୯୬ ପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ଡୋମପଡ଼ାରେ ଦେବାନ ଦାୟିତ୍ୱ ଗ୍ରହଣ କରିଥିଲେ ଫକୀରମୋହନ । ଜଣେ ପ୍ରଶାସକ ଭାବରେ ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ସାହିତ୍ୟ ଓ ଭାଷାର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ ।

ଫକୀରମୋହନଙ୍କ ଜୀବନଥିଲା ଘଟଣା ବହୁଳ । ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଜୀବନର ଶେଷପର୍ଯ୍ୟାୟରେ ୧୯୦୫ ରୁ ୧୯୧୮ ପର୍ଯ୍ୟନ୍ତ ବାଲେଶ୍ୱରରେ ନିବାସକରି 'ଶାନ୍ତିକାନନ' ନାମକ ଉଦ୍ୟାନ ପ୍ରତିଷ୍ଠା କରିଥିଲେ । ୧୯୧୨ ମସିହାରେ 'ଉତ୍କଳ ସାହିତ୍ୟ ସମାଜ'ର ବାର୍ଷିକୋତ୍ସବରେ ଓ ୧୯୧୭ ମସିହାରେ 'ଉତ୍କଳ ସମ୍ମିଳନୀ'ର ଏକ ଅଧିବେଶନରେ ସଭାପତିତ୍ୱ କରିବା ଉଲ୍ଲେଖନୀୟ ଘଟଣା ।

ଫକୀରମୋହନ ବ୍ୟାସଦେବ କୃତ 'ସଂସ୍କୃତ ମହାଭାରତ'ର ଓଡ଼ିଆ ଅନୁବାଦ କରିଥିବାରୁ 'ବ୍ୟାସକବି' ଭାବରେ ପରିଚିତ ଥିଲେ । ସେହିପରି ୧୯୧୬ ମସିହାରେ ବାମଣ୍ଡାର ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ସଭାପତିତ୍ୱରେ 'ସୁର ତରଙ୍ଗିଣୀ ସାରସ୍ୱତ ସମିତି' ତାଙ୍କୁ 'ସରସ୍ୱତୀ' ଉପାଧି ପ୍ରଦାନ କରିଥିଲେ । ୧୯୧୭ ମସିହାରେ ପୁରୀର ମୁକ୍ତିମଣ୍ଡପ ସଭା ପକ୍ଷରୁ ତାଙ୍କୁ 'କବିଶେଖର' ଉପାଧି ମଧ୍ୟ ପ୍ରଦାନ କରାଯାଇଥିଲା । ଓଡ଼ିଆ ଜାତିର ଏହି ସାର୍ଥକ ସେନାପତି ୧୯୧୮ ମସିହା ଜୁନ୍‌ମାସ ୧୪ ତାରିଖ ରଜସଂକ୍ରାନ୍ତିରେ ପରଲୋକ ଗମନ କରିଥିଲେ । ମକରସଂକ୍ରାନ୍ତିରେ ଜନ୍ମ ଓ ରଜସଂକ୍ରାନନ୍ତିରେ ମହାପ୍ରୟାଣ କାରଣରୁ ଫକୀରମୋହନ 'ସଂକ୍ରାନ୍ତିପୁରୁଷ' ଭାବରେ ମଧ୍ୟ ଜନମାନସରେ ପରିଚିତ ।

ପ୍ରକୃତରେ ଫକୀରମୋହନ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଅନୁବାଦକ, ଜୀବନୀଲେଖକ, ପାଠ୍ୟପୁସ୍ତକ ରଚନାକାର, ପତ୍ରିକା ପ୍ରକାଶକ, ସମ୍ପାଦକ, ଭାଷାସାହିତ୍ୟ ଶିକ୍ଷକ, ଭାଷା ରକ୍ଷକ, ପ୍ରଶାସକ, ସମାଜ ସଂସ୍କାରକ, ଆତ୍ମସମୀକ୍ଷକ ତଥା ଓଡ଼ିଆତ୍ୱର ସୁରକ୍ଷା କ୍ଷେତ୍ରରେ ସାର୍ଥକ ସେନାପତି । ତାଙ୍କ ଭିତରେ ଥିଲା ଯାବତୀୟ ସଂଶୟକୁ ସାମ୍ନା କରିବାର କ୍ଷମତା, ନୂତନ ଧାରାଟିକୁ ପାରମ୍ପରିକ କାୟା ମଣ୍ଡଳରୁ ମୁକୁଳାଇବାର ସାହସ । ତାଙ୍କ ସାହିତ୍ୟ ବି ଚିରନୂତନ ଓ ସଜୀବ । ଓଡ଼ିଆଜାତି ପ୍ରତି ଉତ୍ସର୍ଗୀକୃତ ଭୂମିକା ପାଇଁ ସେହି ଯୁଗସ୍ରଷ୍ଟାଙ୍କୁ ଏଜାତିର ଅୟୁତ ପ୍ରଣାମ ।

**ସାହିତ୍ୟ କୃତି:**

ଫକୀରମୋହନ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ । କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଜୀବନୀ, ଅନୁବାଦ, ପାଠ୍ୟପୁସ୍ତକ ପରି ବିବିଧ କ୍ଷେତ୍ରକୁ ତାଙ୍କର ପ୍ରବେଶ ଥିଲା । ସେ ନିଜ ନାମ ବ୍ୟତୀତ 'ଶ୍ରୀ', 'ଧୂର୍ଜଟୀ' ଓ 'ପଞ୍ଚୁଚନ୍ଦ୍ର ଧୀରେନ୍ଦ୍ର ମହାନ୍ତି' ଛଦ୍ମନାମରେ କେତେଗୁଡ଼ିଏ ଲେଖା ଲେଖିଥିଲେ । ତାଙ୍କ ରଚିତ 'ରେବତୀ' ଗଳ୍ପ (୧୮୯୮) ଥିଲା ଓଡ଼ିଆ ସାହିତ୍ୟର ପ୍ରଥମ ସାର୍ଥକ କ୍ଷୁଦ୍ରଗଳ୍ପ ଏବଂ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସ ଥିଲା ଓଡ଼ିଆ ସାହିତ୍ୟର ପ୍ରଥମ ସାର୍ଥକ ସାମାଜିକ ଉପନ୍ୟାସ । ଏହା ବ୍ୟତୀତ ଫକୀରମୋହନ 'ଉତ୍କଳଭ୍ରମଣଂ' କାବ୍ୟ(୧୯୮୧) ରଚନାକରି ଭ୍ରମଣକାବ୍ୟର ଭିତ୍ତି ସ୍ଥାପନ କରିଥିଲେ ।

ସେ ସନେଟ୍, ଏଲିଜି, ଏପିଗ୍ରାମଶୈଳୀର କବିତା, ଗାଥାକବିତା ଓ ଅନେକ ଗୀତିକବିତାର ସ୍ରଷ୍ଟା ଭାବରେ ପରିଚିତ । ତାଙ୍କ ପୁସ୍ତକ 'ଗଳ୍ପସ୍ୱଳ୍ପ'ର ୨ଟି ଭାଗରେ ସ୍ଥାନପାଇଥିବା କୋଡ଼ିଏଟି ଗଳ୍ପ, ଚାରୋଟି ଉପନ୍ୟାସ, ଆଠଟି କାବ୍ୟକବିତା ଗ୍ରନ୍ଥ, 'ଆତ୍ମଜୀବନ ଚରିତ' ଆଦି ପାଠକୀୟତାର କଷଟିପଥରରେ ଉତ୍ତୀର୍ଣ୍ଣ ଏବଂ କାଳଜୟୀ । ଏପରିକି କଥାସାହିତ୍ୟର ପ୍ରସାରିତ ବଳୟ ଓ ନୂତନ ଚିନ୍ତନ ପାଇଁ ତାଙ୍କ ଲେଖା ସହିତ ବଙ୍ଗଳା ସାହିତ୍ୟର ବଙ୍କିମଚନ୍ଦ୍ର ଓ ହିନ୍ଦୀ

ସାହିତ୍ୟର ପ୍ରେମଚାନ୍ଦଙ୍କ ସୃଷ୍ଟିକୁ ତୁଳନା କରାଯାଏ । ପ୍ରକୃତରେ କଥାସାହିତ୍ୟ କ୍ଷେତ୍ରରେ ଫକୀରମୋହନ ଓଡ଼ିଆ ସାହିତ୍ୟକୁ ଦୀପ୍ତିମନ୍ତ କରିବା ସହିତ ପାଲଟିଯାଇଛନ୍ତି ଅପ୍ରତିଦ୍ୱନ୍ଦୀ । ଏପରିକି 'ଛ'ମାଣ ଆଠଗୁଣ୍ଠ' ଇଂରାଜୀ, ବଙ୍ଗଳା, ହିନ୍ଦୀ, ତାମିଲ, ମରାଠି, କନ୍ନଡ଼, ଗୁଜରାତି, ମାଲାୟାଲାମ ଭାଷାରେ ଅନୂଦିତ ହୋଇଛି । ପୁଣି ତାଙ୍କ ଆତ୍ମଜୀବନୀ, 'ମାମୁଁ' ଉପନ୍ୟାସ ମଧ୍ୟ ଅନ୍ୟଭାଷାରେ ଅନୁଦିତ ହେବା ସହ ଶତାଧିକ ପୁସ୍ତକ ଫକୀରମୋହନ ସାହିତ୍ୟକୁ କେନ୍ଦ୍ରକରି ସୃଷ୍ଟିହୋଇଛି । ପ୍ରକୃତରେ ଏହାହିଁ ଜଣେ ଲେଖକର ସଫଳତା ଓ ପାଠକପ୍ରିୟତାର ପରିଚୟ ।

**ପାଠ୍ୟପୁସ୍ତକ:**

(୧) ଭାରତବର୍ଷର ଇତିହାସ -୧ମ ଭାଗ -୧୮୬୯
(୨) ଭାରତବର୍ଷର ଇତିହାସ-୨ୟ ଭାଗ-୧୮୭୦
} ଏହି ଦୁଇ ପୁସ୍ତକ ପାଇଁ ସ୍କୁଲ ଇନ୍‌ସପେକ୍ଟରଙ୍କ ଠାରୁ ସାତଶହ ଓ ଓଡ଼ିଶା କମିଶନରଙ୍କ ଠାରୁ ତିନିଶହ ଟଙ୍କା ପୁରସ୍କାର ପାଇଥିଲେ ।

(୩) ଜୀବନ ଚରିତ (୧୮୬୬)
(୪) ଉତ୍କଳ ସରଳ ବ୍ୟାକରଣ (୧୮୬୬)
(୫) ଅଙ୍କମାଳା (୧୮୬୬)

**ସାହିତ୍ୟ ପୁସ୍ତକ:**

(କ) 'ଗଳ୍ପସ୍ୱଳ୍ପ' ୧ମଭାଗ ଓ ୨ୟ ଭାଗ(୧୯୧୭)-(ରେବତୀ, ମୌନାମୌନୀ, ବାଲେଶ୍ୱର ରାହାଜାନୀ, ବାଲେଶ୍ୱରୀ ପଙ୍ଗୀଲୁଣ, ପୂନର୍ମୂଷିକୋଭବ, ଡାକମୁନ୍‌ସୀ, ଧୂଳିଆ ବାବା, କମଳା ପ୍ରସାଦ ଗୋରାପ, ସୁନାବୋହୂ, ରାଣ୍ଡିପୁଅ ଅନନ୍ତା, କାଳିକାପ୍ରସାଦ ଗୋରାପ, ପେଟେଣ୍ଟ ମେଡ଼ିସିନ୍, ବିରେଇ ବିଶାଳ, ସଭ୍ୟ ଜମିଦାର, ବଗୁଲାବଗୁଲୀ, ଅଜାନାତି କଥା, ପାଠୋଇ ବୋହୂ, ଅଧର୍ମବିତ୍ତ, ମାଧମହାନ୍ତିଙ୍କ କନ୍ୟାସୁନା, ଗାରୁଡ଼ିମନ୍ତ୍ର )

(ଖ) ଉପନ୍ୟାସ- (୧) ଛ'ମାଣ ଆଠଗୁଣ୍ଠ (୧୯୦୨) (୧୮୯୭ ରୁ ୧୮୯୯ ଉତ୍କଳ ସାହିତ୍ୟ ପୃଷ୍ଠାରେ ଧାରାବାହିକ ଭାବେ ପ୍ରକାଶିତ)
(୨) ମାମୁ (୧୯୧୩)
(୩) ଲଛମା (୧୯୧୪) (୧୯୦୧ ରୁ ୧୯୦୩ 'ଅପୂର୍ବ ମିଳନ' ନାମରେ ଉତ୍କଳ ସାହିତ୍ୟରେ ପ୍ରକାଶିତ)
(୪) ପ୍ରାୟଶ୍ଚିତ (୧୯୧୫)

(ଗ) କାବ୍ୟ କବିତା: -

| | |
|---|---|
| ଉତ୍କଳ ଭ୍ରମଣଂ(୧୮୯୧) | ବୌଦ୍ଧାବତାର(୧୯୦୯) |
| ପୁଷ୍ପମାଳା(୧୮୯୪) | ପୂଜାଫୁଲ (୧୯୧୨) |
| ଉପହାର (୧୮୯୫) | ପ୍ରାର୍ଥନା (୧୯୧୨) |
| ଅବସରବାସରେ (୧୯୦୮) | ଧୂଳି (୧୯୧୨) |

(ଘ) ଅନୁବାଦ:- (୧) ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରଣୀତ 'ଜୀବନ ଚରିତ'
(୨) ବାଲ୍ମୀକିକୃତ 'ରାମାୟଣ'
(୩) ବ୍ୟାସକୃତ 'ମହାଭାରତ'
(୪) ଅଖିଳ ହରିବଂଶ
(୫) ଛାନ୍ଦୋଗ୍ୟ ଉପନିଷଦ

(ଙ) ଜୀବନୀ:- ଆତ୍ମଜୀବନ ଚରିତ(୧୯୧୮) (ପୁସ୍ତକ ଆକାରରେ ୧୯୨୭ରେ ମୁଦ୍ରିତ)